

୧୮ ବର୍ଷ ● ୩ୟ ସଂଖ୍ୟା ● ସେପ୍ଟେମ୍ବର ୨୦୧୭

| | |
|---|---|
| ଆମ ଗର୍ବ ଗୌରବ | : ନ୍ୟାୟମୂର୍ତ୍ତି ଦୀପକ ମିଶ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, 'କିସ୍' |
| ସ୍ୱତନ୍ତ୍ର ଆଲେଖ୍ୟ | : ଓଁ ସ୍ୱାହା, ଓଁ ସ୍ୱଧା, ଓଁ |
| ବିଶେଷ ଆଲେଖ୍ୟ | : ଦେବୀ ପ୍ରତିମା |
| ବିଶେଷ ପ୍ରସଙ୍ଗ | : ଆମ ରାଷ୍ଟ୍ରପତି |
| କାଳଜୟୀ | : କିଶୋରୀ ଚରଣ ଦାସ |
| ସାହିତ୍ୟ | : ୩ଟି ଗଳ୍ପ, ୫ଟି କବିତା |
| ନିୟମିତ | : ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ । |

## ପ୍ରଚ୍ଛଦରେ : ଜାଗୃତି

ଓଡ଼ିଆ ଦୃଶ୍ୟ ଶ୍ରାବ୍ୟ ଗଣମାଧ୍ୟମ ଦୁନିଆରେ ଜାଗୃତି ମହାନ୍ତି ଏକ ପରିଚିତ ନାମ । ଜଣେ ଉଚ୍ଚକୋଟୀର ସମ୍ବାଦ ଉପସ୍ଥାପିକା, ବିତର୍କ ପରିଚାଳିକା ଓ କାର୍ଯ୍ୟକ୍ରମ ସଂଚାଳିକା ଭାବେ ଜାଗୃତିଙ୍କର ସୁନାମ ରହିଛି । ସମାଜର ଜାଗ୍ରତ ପ୍ରହରୀ କୁହାଯାଉଥିବା ଗଣମାଧ୍ୟମ ଜଗତରେ ସବୁବେଳେ ନୂଆନୂଆ କଥା ଜାଣିବାର ଆଗ୍ରହ ରଖୁଥିବା ଜାଗୃତି ଆହୁରି ଊର୍ଦ୍ଧ୍ୱକୁ ଯାଆନ୍ତୁ ବୋଲି ଆଶା କରିବା । 'କାଦମ୍ବିନୀ'ର ଚଳିତ ସଂଖ୍ୟା ପ୍ରଚ୍ଛଦରେ ସ୍ଥାନିତ ହେବା ଅବସରରେ 'କାଦମ୍ବିନୀ'ର ତାଙ୍କ ସହ ଏକ ସଂକ୍ଷିପ୍ତ ଆଳାପ । ଉପସ୍ଥାପନା: ଅମିତାଭ ଖିଲାର

## ସ୍ୱତନ୍ତ୍ର ଆଲେଖ୍ୟ: ଓଁ ସ୍ୱାହା, ଓଁ ସ୍ୱଧା, ଓଁ
## ଲେଖକ : ନିମାଇଁ ବାନାର୍ଜୀ

ମହାମାୟା ମା' ଦୁର୍ଗା ହେଉଛନ୍ତି ସୃଷ୍ଟି, ସ୍ଥିତି ଓ ବିନାଶର କାରଣ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଶକ୍ତିର ମିଳିତ ଓଁକାର ଧ୍ୱନି ହେଉଛନ୍ତି ମା' ଜଗଦ୍ଧାତ୍ରୀ । ଚଳିତ ମାସ ପବିତ୍ର ଦୁର୍ଗାପୂଜା ଅବସରରେ ଜଗଜ୍ଜନନୀ ମା' ଦୁର୍ଗାଙ୍କୁ ସମର୍ପିତ ଏହି ଆଲେଖ୍ୟ ।

## ବିଶେଷ ଆଲେଖ୍ୟ : ଦେବୀ ପ୍ରତିମା

ଆମ ଦେଶର ଦେବୀପୀଠମାନଙ୍କରେ ମା' ଦୁର୍ଗା ସହସ୍ର ବର୍ଷ ଧରି ପୂଜା ପାଇଆସୁଛନ୍ତି । ସାଧାରଣତଃ ପ୍ରସ୍ତର ନିର୍ମିତ ଏହି ପ୍ରତିମାଗୁଡ଼ିକରେ ରହିଛି ଭିନ୍ନଭିନ୍ନ ଭଙ୍ଗୀ ଓ ଆକୃତି । ମା'ଦୁର୍ଗା ତ୍ରିଶୂଳଧାରିଣୀ ସଂହାରକାରିଣୀ ମୁଦ୍ରାରେ ମହିଷାସୁରକୁ ବଧ କରିଥାନ୍ତି । ମା'ଙ୍କ ସହିତ ଏହି ପାର୍ଶ୍ୱ ଦେବାଦେବୀଙ୍କର ଏହି ପାର୍ବଣ ତିଥିରେ ହୋଇଥାଏ ଆବାହନ, ପୂଜନ । ଶେଷରେ ଏହି ସମସ୍ତ ମୃଣ୍ମୟୀ ପ୍ରତିମାର ହୋଇଥାଏ ପୁଣ୍ୟ ଜଳାଶୟରେ ବିସର୍ଜନ । ମା'ଙ୍କର ଏହି ସର୍ବଜନୀନ ପୂଜାର ମୃଣ୍ମୟୀ ପ୍ରତିମାକୁ ନେଇ ପ୍ରସ୍ତୁତ ହୋଇଛି କ୍ଷୀରୋଦ ପରିଡ଼ାଙ୍କ ଏହି ଆଲେଖ୍ୟ ।

## ଆମ ଗର୍ବ ଗୌରବ : ନ୍ୟାୟମୂର୍ତ୍ତି ଦୀପକ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କୁ 'ଶ୍ରେଷ୍ଠ ପ୍ରଶାସକ' ସମ୍ମାନ ଓ 'କିସ୍'କୁ ବିଶ୍ୱବିଦ୍ୟାଳୟ ମାନ୍ୟତା

୨୦୧୭ ଅଗଷ୍ଟ ମାସରେ ଏମିତି ତିନୋଟି ଘଟଣା ଘଟିଛି ଯାହା ଆମ ରାଜ୍ୟ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି । ଏହି ତିନୋଟି ହେଉଛି, ପ୍ରଥମତଃ ଭାରତର ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି ଭାବେ ନ୍ୟାୟମୂର୍ତ୍ତି ଶ୍ରୀଯୁକ୍ତ ଦୀପକ ମିଶ୍ର ଆସୀନ ହେବା, ଦ୍ୱିତୀୟତଃ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଜାତୀୟସ୍ତରର ଇଂରାଜୀ ପତ୍ରିକା 'ଆଉଟ୍‌ଲୁକ୍' ଦେଶର 'ଶ୍ରେଷ୍ଠ ପ୍ରଶାସକ' ଭାବେ ସମ୍ମାନିତ କରିବା ଏବଂ ତୃତୀୟତଃ ବିଶ୍ୱର ପ୍ରଥମ ଜନଜାତି ବିଶ୍ୱବିଦ୍ୟାଳୟ ଭାବେ ଭୁବନେଶ୍ୱରସ୍ଥ 'କିସ୍' ଶିକ୍ଷାନୁଷ୍ଠାନ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା । ପ୍ରଥମ ଦୁଇଟି କ୍ଷେତ୍ରରେ ଆମର ଗର୍ବ ଓ ଗୌରବ ସେହି ଦୁଇ ମହାନ ବ୍ୟକ୍ତିତ୍ୱଙ୍କୁ ଏବଂ ତୃତୀୟ କ୍ଷେତ୍ରରେ ସେହି ମହାନ ଶିକ୍ଷାନୁଷ୍ଠାନ ଓ ତାହାର ପ୍ରଚ୍ଛଦରେ ଥିବା ସେହି ମହାନ ବ୍ୟକ୍ତିତ୍ୱଙ୍କୁ ସଶ୍ରଦ୍ଧ ସମ୍ମାନ ଓ ଅଭିନନ୍ଦନ ଜଣାଇ ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ତା'ର ପ୍ରିୟ ପାଠକମାନଙ୍କ ପାଇଁ ଉପସ୍ଥାପନ କରୁଛି ଏ ସମ୍ପର୍କିତ ତିନୋଟି ସ୍ୱତନ୍ତ୍ର ସଂକ୍ଷିପ୍ତ ଆଲେଖ୍ୟ । **- ସମ୍ପାଦିକା**

## ବିଶେଷ ପ୍ରସଙ୍ଗ: ଆମ ରାଷ୍ଟ୍ରପତି

ଭାରତୀୟ ସମ୍ବିଧାନର ବାଉନତମ ଅଧ୍ୟାୟରେ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଜଣେ ରାଷ୍ଟ୍ରପତି ରହିବେ ବୋଲି ଉଲ୍ଲେଖ ରହିଛି । ଭାରତର ଶାସନ ବ୍ୟବସ୍ଥାରେ ତାଙ୍କର ସ୍ଥାନ ସର୍ବୋଚ୍ଚ । ସେ ରାଷ୍ଟ୍ର ମୁଖ୍ୟ । ରାଷ୍ଟ୍ରର ପ୍ରଶାସନିକ ମୁଖ୍ୟ । ଭାରତୀୟ ତିନି ସେନାବାହିନୀର ସର୍ବୋଚ୍ଚ ମୁଖ୍ୟ । ସମ୍ବିଧାନର ମୁରବି । ସେ ମଧ୍ୟ ରାଷ୍ଟ୍ରର ପ୍ରଥମ ନାଗରିକ । ସମ୍ବିଧାନ ତାଙ୍କଠାରେ ଏତେସବୁ କ୍ଷମତା ନ୍ୟସ୍ତ କରିଥିଲେ ବି ସେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ମନ୍ତ୍ରିପରିଷଦର ପରାମର୍ଶ ଅନୁସାରେ କାର୍ଯ୍ୟ କରନ୍ତି ବା କ୍ଷମତାର ଉପଯୋଗ କରନ୍ତି । ଶୌର୍ଯ୍ୟ ଓ ସମ୍ମାନର ପ୍ରତୀକ । ଆଜି ପର୍ଯ୍ୟନ୍ତ ସ୍ୱାଧୀନ ଭାରତର ଚଉଦଜଣ ଅତି ବିଶିଷ୍ଟ ବ୍ୟକ୍ତି ଦେଶର ଏହି ସର୍ବୋଚ୍ଚ ଆସନରେ ଆସୀନ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ପୁଣି ତିନିଜଣ କାର୍ଯ୍ୟକାରୀ ରାଷ୍ଟ୍ରପତି ମଧ୍ୟ ହୋଇଛନ୍ତି । ସୁଖର କଥା, ଏହି ସୁଯୋଗ୍ୟ ସନ୍ତାନମାନଙ୍କ ଭିତରେ ଅଛନ୍ତି ଓଡ଼ିଶାର ବ୍ରହ୍ମପୁରରେ ଜନ୍ମିତ ଶ୍ରୀ ଭି.ଭି. ଗିରି ଏବଂ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଶ୍ରୀ ବି.ଡି ଜତି । ଦେଶର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କଠାରୁ ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପର୍ଯ୍ୟନ୍ତ ଭାରତର ମହାମହିମ ରାଷ୍ଟ୍ରପତି ପରମ୍ପରା ଅତି ମହାନ । ସେହି ପରମ୍ପରାକୁ ସମ୍ମାନ ଜଣାଇ 'କାଦମ୍ବିନୀ'ର ଏକ ବିଶେଷ ପ୍ରସ୍ତୁତି । ଉପସ୍ଥାପନା : ଅମିତାଭ ଖିଲାର

## କାଳଜୟୀ : କିଶୋରୀ ଚରଣ ଦାସ

ଆଧୁନିକ ଓଡ଼ିଆ କଥାସାହିତ୍ୟରେ କଥାକାର କିଶୋରୀ ଚରଣ ଦାସ (୧୯୨୪-୨୦୦୪) ଖୁବ୍ ଚର୍ଚ୍ଚିତ। ଉଭୟ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ତାଙ୍କ ସୃଜନ ସମ୍ଭାର ବେଶ୍ ଆଦୃତ, ଆଲୋଚିତ ଓ ପ୍ରଶଂସିତ। କଟକ ସହରରେ ଜନ୍ମଗ୍ରହଣ କରିଥିବା ଏହି ସାହିତ୍ୟିକ ତାଙ୍କର ଅଶୀବର୍ଷର ଜୀବନକାଳ ମଧ୍ୟରେ ଓଡ଼ିଆ କଥା ସାହିତ୍ୟକୁ ଦେଇଯାଇଛନ୍ତି ଅନନ୍ୟ ଅବଦାନ। ୧୯୬୧ ମସିହାରେ ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ 'ଭଙ୍ଗା ଖେଳନା' ଏବଂ ପରେପରେ 'ଘରବାହୁଡ଼ା' (୧୯୬୮) ଓ 'ମଣିହରା' (୧୯୭୦) ପ୍ରକାଶିତ ହୋଇଥିଲା। ତାଙ୍କର ଅନ୍ୟାନ୍ୟ ଉଲ୍ଲେଖନୀୟ ଗଳ୍ପ ସଙ୍କଳନ ମଧ୍ୟରେ ରହିଛି 'ଠାକୁର ଘର', 'ଖେଳର ନାମ ରଙ୍ଗ', 'ଭିନ୍ନ ପାଉଁଶ', 'ଶୀତ ଲହର', 'ନିଜ ସଞ୍ଜ' ଓ 'ତରଙ୍ଗ' ପ୍ରମୁଖ। ଜୀବନର ଶେଷ ଦଶକରେ ସେ ମନୋନିବେଶ କରିଥିଲେ ଉପନ୍ୟାସ ରଚନାରେ ଏବଂ ଏହି ଦଶବର୍ଷ ମଧ୍ୟରେ ସେ ଲେଖିଛନ୍ତି ସାତଟି ଉପନ୍ୟାସ। ଏହା ସହିତ ରହିଛି କଥାସାହିତ୍ୟକୁ ନେଇ ପ୍ରବନ୍ଧ ସଙ୍କଳନ 'କଥା ସାହିତ୍ୟର କଳା ଓ କାରିଗରି', 'ଲେଖକର ଦୁଃଖ' ଓ 'ମୋ ସମୟ ମୋ ସାହିତ୍ୟ' ଏବଂ ଆତ୍ମଜୀବନୀମୂଳକ ରଚନା 'ସମୟ ନାହିଁ'। ଦୀର୍ଘ ଛଅ ଦଶକର ନିରବଚ୍ଛିନ ସାହିତ୍ୟ ସାଧନାରେ ସେ ଓଡ଼ିଆ ସାହିତ୍ୟକୁ କରିଛନ୍ତି ଋଦ୍ଧିମନ୍ତ। ସେ 'ମଣିହରା' ଗଳ୍ପ ସଙ୍କଳନ ପାଇଁ ୧୯୭୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପୁନଶ୍ଚ ୧୯୭୬ ସକାଶେ 'ଠାକୁର ଘର' ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଏବଂ ୧୯୮୬ ମସିହାରେ 'ଭିନ୍ନ ପାଉଁଶ' ସଙ୍କଳନ ପାଇଁ ଶାରଳା ପୁରସ୍କାର ଲାଭ କରିଛନ୍ତି। ଏଥରର 'କାଳଜୟୀ' ସ୍ତମ୍ଭରେ ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଏହି ଚର୍ଚ୍ଚିତ କଥାକାରଙ୍କ ରଚିତ 'ଭିନ୍ନ ପାଉଁଶ' ଗଳ୍ପ ସହିତ ସୁପରିଚିତ କଥାକାର ଓ ଆଲୋଚକ ଡ. ଦେବାଶିଷ ପାତ୍ରଙ୍କର ଏକ ମାର୍ମିକ ଆଲୋଚନା ସ୍ଥାନିତ କରୁଛୁ। **- ସମ୍ପାଦିକା**

## କଥାୟନରେ କିଶୋରୀ ଚରଣ ଓ 'ଭିନ୍ନ ପାଉଁଶ'

## ଲେଖକ : ଦେବାଶିଷ ପାତ୍ର

ସେକଥା କହୁକହୁ ଅନୁଭବନ୍ତି, କାହାଣୀ ପାଇଁ ଅନ୍ତତଃ ଚାଖଣ୍ଡେ ଜାଗା ଦରକାର, ଯେଉଁଠି ସେ ହାତଗୋଡ଼ ଚଳାଇ ପାରିବ। କଡ଼ ଲେଉଟାଇ ପାରିବ। ଆଉ ସେଇଥିପାଇଁ ତ' ସେ ବଦଳାନ୍ତି ଗଳ୍ପର ଧାରା, ପୁନଶ୍ଚ ସେ ପାଲଟି ଯାଆନ୍ତି କ୍ରମ ମଧ୍ୟରେ ବ୍ୟତିକ୍ରମ। ସେ ଏକାକୀ ବ୍ୟକ୍ତି ଜୀବନର ଅନ୍ଧାରୀ ଇଲାକା, ଯେଉଁଠି ପ୍ରତିଟି ପରିସର ମହମହ ବାସ୍ନାରେ ଭର୍ତ୍ତି। ଚତୁର୍ଦିଗ ତାଙ୍କ ପାଇଁ ଶସ୍ତା ନାଲିନେଳି ରୁମାଲ୍‌ର ରଙ୍ଗ ନୁହେଁ ବରଂ ସ୍ମୃତିର ଉପବନ। ଯିଏ ଆଧୁନିକ ମଣିଷର ଆର୍ତ୍ତି ଭିତରୁ ନୂଆ ମଣିଷକୁ ଖୋଜନ୍ତି ଆଉ ଗଳ୍ପକୁ କରିଦିଅନ୍ତି କାଳୋତୀର୍ଣ୍ଣ, ସେହି କଥା ସାହିତ୍ୟର କାରିଗର ଓ ଛଦ୍ମହୀନ ଗଳ୍ପ ବ୍ୟକ୍ତିତ୍ୱର ନାଁ କିଶୋରୀ ଚରଣ ଦାସ।

## କାଳଜୟୀ : ଭିନ୍ନ ପାଉଁଶ

## ଲେଖକ : କିଶୋରୀ ଚରଣ ଦାସ

ଆକାଶ ପବନର ଦୁର୍ଗନ୍ଧ। ଇଉକାଲିପଟସ୍ ତା'ର କିଛି ବୋଲି କରିପାରୁ ନାହିଁ। ସ୍ୱାଭାବତଃ ମୋର ଭାବକାତର ମନ ଡରିଗଲା। ମନେହେଲା ସତରେ ମୋର ଭାବନା ପଦାରେ ପଡ଼ିଗଲା, ଗନ୍ଧେଇଲା। ନା!! ମୁଁ ସେମିତି ନୁହେଁ! ମୋର ସଫେଇ ଆର୍ତ୍ତନାଦ କଲା ଓ ମୁଁ ମୋର ଅଦୃଶ୍ୟ ଅବଧାନକୁ ବୁଝାଇବାକୁ ଚାହିଁଲି ଯେ ପ୍ରକୃତରେ ଏଇ ମ୍ୟାରିଲିନ୍ ବ୍ୟାପାରଟା କଅଣ। ଆମୂଳଚୂଳ। ପହିଲେ ମ୍ୟାରିଲିନ୍‌ର ନାଁ ଗାଁ ଇତିହାସ।

## ଗଳ୍ପ : ଅନନୁଭବ ଅନୁଭବ

## ଲେଖିକା : ସୁଲୋଚନା ଦାସ

ସିକତା ଅନୁଭବ କରୁଥିଲେ କଟକ ସହରର ଗୋଟେ ଆତ୍ମା ଅଛି। ନହେଲେ ଏ ନୂଆ ସାଇଟାରେ ସବୁ ଧନୀଲୋକ ଘର କରିଥିଲେ ବି ଏମିତି ଏକତା, ଏମିତି ଆପଣାପଣ କୋଉଠୁ ଆସନ୍ତା। ସିକତାଙ୍କର ଇଚ୍ଛା ହେଉଥିଲା ସେ ତଳକୁ ଓହ୍ଲାଇ ଯାଆନ୍ତେ ସେହି ପଡ଼ିଆପାଖକୁ। ଅତି ପାଖରୁ ଦେଖନ୍ତେ। ଏଇଟା ତାଙ୍କ ଜୀବନର ପ୍ରଥମ ହୋଲିଖେଳ ଏ ସହରରେ। ସକାଳେ ପିଲାମାନେ ବାଜା ବଜାଇ ରଙ୍ଗ କରିବାକୁ ଆସିଥିଲେ। ଗେଟ୍ ବାଡ଼େଇ ଡାକିଥିଲେ। ଉପରୁ ଥାଇ ସିକତା ମନା କରି କହିଥିଲେ- ମୁଁ ରଙ୍ଗ ଖେଳେନି।

## ଗଳ୍ପ: କେତୋଟି ସାମୁଦ୍ରିକ ଗପ

## ଲେଖକ: ମନୋଜ ପୂଜାରୀ

କିଛିଦିନ ପାଇଁ ଘରକୁ ଆସିଥିବା, ବିଦେଶରେ କାର୍ଯ୍ୟରତ ଜଣେ ସଂପର୍କୀୟଙ୍କ ପାଖରୁ ଏବେ ଖବର ପାଇଛି। ସେଇଠି ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରି କରୁଥିବା ପୁଅ ଘୋଡ଼ାଦୌଡ଼ର ଜୁଆଖେଳରେ ଏତେ ପାଗଳ ହେଇଛି ଯେ ଦେବାଳିଆ ହେବା ଉପରେ। ରେସ୍‌କୋର୍ସର ଘୋଡ଼ା ତା' ଉପରେ ସବାର ହେଇଛି ଭୂତ ପରି। ଏହାଛଡ଼ା ସେ ହେଇଗଲାଣି ନିଶାଖୋର। ବାର୍ଦ୍ଧକ୍ୟର ଅସହାୟତା, ନିଃସଙ୍ଗତା ଭିତରେ ଏବେ ଖାଲି ମୋ ଆଖି ଆଗରେ ଗୋଟିଏ ଦୃଶ୍ୟ, ପାଞ୍ଚବର୍ଷର ପୁଅ ସମୁଦ୍ରର ବେଳାଭୂମିରେ ସୁସଜ୍ଜିତ ଘୋଡ଼ା ଉପରେ ବସିଛି ଯିଏ କି ମୋ ସହିତ କାହିଁ କେତେ ବର୍ଷ ହେଲା କୌଣସି ବି ସମ୍ପର୍କ ରଖିନାହିଁ।

## ଗଳ୍ପ: ଜୀବନ ତୁ କେମିତି

## ଲେଖିକା: ଅମୂଲ୍ୟମଣି ମିଶ୍ର

ଇ.ସି.ଜି. ମେସିନ୍‌ରେ ବିଦ୍ୟୁତ୍‌ଧାରାଗୁଡ଼ିକ ଅସ୍ୱାଭାବିକ ଚଳନ ଶବ୍ଦ ଶୁଣି, ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ତରୁଣୀ ନର୍ସ ଦୌଡ଼ିଯାଇ

ସିନିୟର ନର୍ସକୁ ଅବଗତ କରାଇଲା। ଦୁହେଁ କ୍ୟାବିନ୍ ମଧ୍ୟକୁ ପ୍ରବେଶ କଲେ। ହୃତ୍‌ପିଣ୍ଡର ଚଳନ ପରୀକ୍ଷା କରି ସିନିୟର ନର୍ସ ଘୋଷଣା କଲେ, 'ଗଲେ'। ଅମାପ କୌତୂହଳ ଓ ବିସ୍ମୟ ସହକାରେ ରୋଗୀର ମୁହଁକୁ ନିରୀକ୍ଷଣ କରୁଥିବା ତରୁଣୀ ନର୍ସ ସିନିୟର ନର୍ସକୁ କହିଲା, ତାଙ୍କ ମୁହଁକୁ ଦେଖନ୍ତୁ ନା' ଦିଦି! କେଡ଼େ ତୃପ୍ତ ଓ ସନ୍ତୋଷରେ ଚାଲିଗଲା ଭଳି ଲାଗୁଛନ୍ତି! କାଣିଚାଏ ବି ଦୁଃଖ ଅବସୋସର ଆଭାସ ନାହିଁ।

## କବିତା

ଏଥର କବିତାରେ ରହିଛି: ସୌଭାଗ୍ୟବନ୍ତ ମହାରଣାଙ୍କ 'ପ୍ରଜାପତିର ପୃଥିବୀ', ହରପ୍ରିୟା ସାହୁଙ୍କ 'ପ୍ରତ୍ୟାଶା', ଚିରଶ୍ରୀ ଇନ୍ଦ୍ରସିଂହଙ୍କ 'ମତେ କ୍ଷମାକର', ଅକ୍ଷୟ ପାତ୍ରଙ୍କ 'ଦ୍ୱୀପ' ଓ ଲିଙ୍ଗରାଜ ରଥଙ୍କ 'ଜୀବନ ସମ୍ପର୍କରେ ତିନୋଟି କବିତା'।

## ଧାରାବାହିକ ଉପନ୍ୟାସ : ଜୀବନପାତ୍ର (ସପ୍ତଦଶ ଭାଗ)

### ଲେଖକ : ରାମଚନ୍ଦ୍ର ବେହେରା

କିଞ୍ଚିତ ଆଶ୍ୱାସନାର କଥା ହେଉଚି, ସେ ଆଦୌ ଗୋଟେ ମଦ୍ୟପ ଭଳି ବ୍ୟବହାର କରେ ନାଇଁ। ସଂହତହୀନ କଥା କହିବା ଉଚ୍ଚସ୍ୱରରେ। ଗାଳିଗୁଲଜ କରିବା ଅଶ୍ରାବ୍ୟ ଭାଷାରେ। ଜିନିଷପତ୍ର ଫୋପାଡ଼ିବା। ପତ୍ନୀକୁ ଅଭିଯୁକ୍ତ କରିବା ସେ ତା'ଭଳି ଅପଦାର୍ଥ, ଅଯୋଗ୍ୟ, ଉଦ୍ଧତ ନାରୀକୁ ସୃଷ୍ଟିକରି ବିଧାତା ଅକ୍ଷମଣୀୟ ତ୍ରୁଟିକରିଚି। ଏ ପ୍ରକାର ଘଟଣା କେବେ ମଧ ଘଟିନାଇଁ ସେ ଘରେ। ଅନ୍ତତଃ ଅଦ୍ୟାବଧି।

## ଭ୍ରମଣ କାହାଣୀ : ମୋ ଝର୍କାରୁ ପୃଥିବୀ

### ଲେଖିକା: ସୁସ୍ମିତା ବାଗ୍‌ଚୀ

ସାବାଙ୍କର କଥା ମୋତେ ସେଦିନ କଷ୍ଟ ଦେଇଥିଲା। କିନ୍ତୁ ଆହୁରି ବିରାଟ ଗୋଟିଏ ଯନ୍ତ୍ରଣାର ସାମ୍ନା କରିବା ମୋ ପାଇଁ ବାକି ଥିଲା। ତୋତେ ତ ଲେଖିଥିଲି ଯେ ୱ୍ୱାର୍ଲଡ୍ ଟ୍ରେଡ୍ ସେଣ୍ଟର୍ ଯେତେବେଳେ ଜଳି ଭୁଶୁଡ଼ି ପଡ଼ିଲା ଏବଂ ଶହ ଶହ ଲୋକ ମୃତ୍ୟୁବରଣ କଲେ, ସେମାନଙ୍କ ଭିତରେ ଜଣେ ଥିଲେ ତୋ ଭାଇନାଙ୍କ କମ୍ପାନୀର କଷ୍ଟମର୍ ରଡ୍‌ନି। ମୁଁ ତାଙ୍କୁ ଆଗରୁ କେବେ ଦେଖିନି କି ଚିହ୍ନିନି। କିନ୍ତୁ ତାଙ୍କ ବିଷୟରେ ଅନେକ କଥା ମୋ କାନରେ ପଡ଼ିଥିଲା। ତାଙ୍କର କଥାବାର୍ତ୍ତା, ଆଚାର ବ୍ୟବହାର, ମଣିଷପଣିଆ ଆଦର୍ଶସ୍ଥାନୀୟ ବୋଲି ଶୁଣିଥିଲି। ଏବେ ତାଙ୍କ ଅବର୍ତ୍ତମାନରେ ତାଙ୍କ ଘରକୁ ଯିବା କଥା।

## ପୁସ୍ତକ ପରିକ୍ରମା

ଏଥର ପୁସ୍ତକ ପରିକ୍ରମାରେ ରହିଛି : ଚାଣକ୍ୟ ନୀତି ଶତକ, ଅଧାକାନ୍ଥି ଘର, ଏଇ ଠିକଣାରେ ଘର ନାହିଁ, ଅଦୃଶ୍ୟ ସୂତ୍ରଧର, ସମ୍ପର୍କର ସେତୁ, ପ୍ରେମର ପୃଥିବୀ, ଉପୁଡ଼ି ପଡ଼ିଥିବା ଗଛ, ଭିଜାଭିଜା ଋତୁ , ଏକାଏକା ପକ୍ଷୀଟିଏ ଓ ମେଘମହ୍ଲାର।

## ସ୍ୱାସ୍ଥ୍ୟ : ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା

### ଡା. ମୌସୁମୀ ପରିଡ଼ା

ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ହିଁ ସ୍ୱାସ୍ଥ୍ୟର ବୃଦ୍ଧି ଓ ସୁରକ୍ଷା କ୍ଷେତ୍ରରେ ସହାୟକ ହୋଇଥାଏ। ତେବେ ଏଥିରେ ରକ୍ତ ପରୀକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଆସନ୍ତୁ ଜାଣିବା, କେଉଁକେଉଁ ରକ୍ତ ପରୀକ୍ଷା ଦ୍ୱାରା ଆମେ କେଉଁସବୁ ରୋଗ ସମ୍ବନ୍ଧରେ ଅବଗତ ହୋଇପାରିବା।

## ସୌନ୍ଦର୍ଯ୍ୟ : ସୁଗନ୍ଧିତ ରୂପଚର୍ଯ୍ୟା

### ଲେଖିକା : ଅମ୍ରିତା ମହାନ୍ତି

ସୁଗନ୍ଧି ଏବେକା କଥା ନୁହେଁ। କାହିଁ କେବେଠାରୁ ମଣିଷ ସହ ଯୋଡ଼ି ହୋଇ ରହିଛି ସୁଗନ୍ଧି। ଦେବତାଙ୍କ ଆରାଧନାରୁ ଆରମ୍ଭ କରି ବ୍ୟକ୍ତିଗତ ସ୍ତରରେ ମଧ ସୁଗନ୍ଧିର ବ୍ୟବହାର ଶହଶହ ବର୍ଷ ଧରି ଆମ ଜୀବନର ପ୍ରତି ପରସ୍ତରେ ଜଡ଼ାଇ ହୋଇରହିଛି। ପୁଣି ସୌନ୍ଦର୍ଯ୍ୟ ସହ ଏହା ଓତପ୍ରୋତ ଭାବେ ଜଡ଼ିତ। ବଦଳୁଥିବା ସମୟରେ ନାରୀ ସୌନ୍ଦର୍ଯ୍ୟର ଏକ ଅଭିନ୍ନ ଅଙ୍ଗ ହୋଇଯାଇଛି ସୁଗନ୍ଧି ବା ପରଫ୍ୟୁମ୍। ତେବେ ସୌନ୍ଦର୍ଯ୍ୟ ସହ ମହକର ସମ୍ପର୍କ କିଭଳି? ନାରୀ ସୌନ୍ଦର୍ଯ୍ୟରେ ମହକର ଭୂମିକା କ'ଣ? ପରଫ୍ୟୁମ ଚୟନ ତଥା ବ୍ୟବହାର ବେଳେ କେଉଁକେଉଁ ଦିଗପ୍ରତି ସଚେତନ ରହିବା ଉଚିତ ଆସନ୍ତୁ ଜାଣିବା ଏହି ସୌନ୍ଦର୍ଯ୍ୟାଲେଖ୍ୟରୁ।

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠରେ ଅଛି : କାବୁଲା ବାରବୁଲା, କଥା ନୁହେଁ ଏ କଥା, ତୋ ପ୍ରେମରେ ପଡ଼ିଲା ପରେ, ଜଷ୍ଟ ମୋହବତ୍, ଭୈରବ ଏବଂ ଟିକେ ଅନାଡ଼ି ପୂରା ଖିଲାଡ଼ି।

## ଚଳନ୍ତିକା

ବର୍ଷା ମହୋତ୍ସବ, ଗଙ୍ଗାଧର ମେହେର ଜୟନ୍ତୀ, ବୋଉ ଫାଉଣ୍ଡେସନ୍‌ର ସ୍ୱନକ୍ଷତ୍ର ଉତ୍ସବ, ବର୍ଷା ରାଗିଣୀ, 'ବନ୍ଦେ ମାତରମ୍' ଓ 'ଭାରତୀୟମ୍', ତାଳପଦେଶ୍ୱରୀ ସାହିତ୍ୟ ଆସର, ଇନରହ୍ୱିଲ୍ ରୟାଲ୍‌ର ଅଧିଷ୍ଠାନ ଉତ୍ସବ ଓ ରୁଚି ପ୍ରତିଭା ସମ୍ମାନ।

### ରାଶିଫଳ ଓ ତିଥି-ବାର-ବେଳା

ସେପ୍ଟେମ୍ବର ମାସର ଭାଗ୍ୟଫଳ ସାଙ୍ଗକୁ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

### ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି : ତନ୍ଦୁରୀ ଆଳୁ, କଡ଼ାଇ ପନିର୍, ପୁନେରୀ ଆଳୁ,  ବାଇଗଣ ଟିକ୍କା, ଭେଜିଟେବୁଲ୍ ଷ୍ଟ୍ୟୁ ଓ ତନ୍ଦୁରୀ କୋବି।

### ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

### ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

### ସ୍ୱାସ୍ଥ୍ୟ ସୂଚନା: ମୁଣ୍ଡବିନ୍ଧା

ଏବେ ଅଧିକାଂଶ ଲୋକ ମୁଣ୍ଡବିନ୍ଧାରେ ପ୍ରାୟତଃ ପୀଡ଼ିତ। ଆଧୁନିକ ଜୀବନଶୈଳୀର ପ୍ରଭାବରେ ଏପରି ଏକ ଅସ୍ୱସ୍ତିକର ପୀଡ଼ା ଭୋଗକରିବା ଲୋକମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଆମେ ସାଧାରଣତଃ ଏହାକୁ ଏକ ସାମୟିକ ଅସ୍ୱସ୍ତିବୋଧ ବୋଲି ଭାବିନେଇ ସାଧାରଣ ଉପଚାର କରିଥାଉ। ମାତ୍ର ସ୍ଥଳ ବିଶେଷରେ ଏହା ସାଧାରଣ କାରଣରୁ ନ ହୋଇ କୌଣସି ଜଟିଳ ଅବସ୍ଥାର ଲକ୍ଷଣ ମଧ୍ୟ ହୋଇପାରେ। ଏହି ମୁଣ୍ଡବିନ୍ଧା ସମ୍ପର୍କରେ ଏଥରର ସ୍ୱାସ୍ଥ୍ୟ ସୂଚନାରେ ଏହାର ଲକ୍ଷଣ, କାରଣ ଓ ପରାମର୍ଶ ବିଷୟ ଉପସ୍ଥାପନ କରୁଛୁ।

■■■